ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ଖୋର୍ଦ୍ଧା
ସା/ପୋଷ୍ଟ/ଜିଲ୍ଲା – ଖୋର୍ଦ୍ଧା – ୭୫୨୦୫୫, ଫୋନ ନଂ- ୦୬୭୫୫-୨୨୩୫୨୫

ସଂଖ୍ୟା ୪୨୫ ତାରିଖ ୧୦.୦୨.୨୦୨୪

## ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ କାର୍ଯ୍ୟକ୍ଷମ
## ନେତାଜୀ ସୁବାସ ଚନ୍ଦ୍ର ବୋଷ ଆବାସୀୟ ବିଦ୍ୟାଳୟରେ ଚୁକ୍ତିଭିତ୍ତିକ ନିଯୁକ୍ତି ନିମନ୍ତେ ବିଜ୍ଞପ୍ତି

ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ଖୋର୍ଦ୍ଧା ଅଧୀନରେ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ପରିଚାଳିତ **ନେତାଜୀ ସୁବାସ ଚନ୍ଦ୍ର ବୋଷ ଆବାସୀୟ ବିଦ୍ୟାଳୟ**ମାନଙ୍କରେ ନିମ୍ନଲିଖିତ ପଦବୀରେ ଚୁକ୍ତିଭିତ୍ତିକ ନିୟୋଜନ ନିମନ୍ତେ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ଠାରୁ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ସମସ୍ତ ପଦବୀ ସଂପୂର୍ଣ୍ଣ ଭାବରେ ଅସ୍ଥାୟୀ, ଅର୍ଦ୍ଧ ବାର୍ଷିକ ଚୁକ୍ତି ଭିତ୍ତିକ ଏବଂ ଚୁକ୍ତି ଅବଧି ଅନ୍ତେ ସନ୍ତୋଷଜନକ କାର୍ଯ୍ୟସମ୍ପାଦନା ଭିତ୍ତିରେ ପୁନଃ ନବୀକରଣ ଯୋଗ୍ୟ ଅଟେ । ଏ ସମସ୍ତ ପଦବୀ ପାଇଁ ସବୁ ଜିଲ୍ଲାର ପ୍ରାର୍ଥୀ/ପ୍ରାର୍ଥିନୀ ଆବେଦନ କରିପାରିବେ ।

| କ୍ରମିକ ସଂଖ୍ୟା | ପଦବୀ | ଖାଲି ଥିବା ପଦବୀ ସଂଖ୍ୟା | ମାସିକ ପାରିଶ୍ରମିକ |
|---|---|---|---|
| ୧ | ପାର୍ଟ ଟାଇମ ଟିଚର – ବିଜ୍ଞାନ (ପୁରୁଷ / ମହିଳା) | ୩ | ୭ ,୫୦୦ ଟଙ୍କା (ତାଲିମ ପ୍ରାପ୍ତ) |
| ୨ | ପାର୍ଟ ଟାଇମ ଟିଚର - କଳା (ପୁରୁଷ / ମହିଳା) | ୨ | ୬ ,୫୦୦ ଟଙ୍କା (ଅଣତାଲିମ ପ୍ରାପ୍ତ) |
| ୩ | ଫୁଲ ଟାଇମ ଆକାଉଣ୍ଟାଣ୍ଟ | ୨ | ୧୩ ,୭୫୦ ଟଙ୍କା |
| ୪ | ମୁଖ୍ୟ ରୋଷେୟା (ପୁରୁଷ / ମହିଳା) | ୧ | ୯,୦୦୦ ଟଙ୍କା |
| ୫ | ସହକାରୀ ରୋଷେୟା (ପୁରୁଷ / ମହିଳା) | ୩ | ୬ ,୫୦୦ ଟଙ୍କା |
| ୬ | ପିଅନ ତଥା ଝାଡୁଦାର | ପୁରୁଷ -୩<br>ମହିଳା-୧ | ୭ ,୫୦୦ ଟଙ୍କା |
| ୭ | ରାତ୍ରି ଜଗୁଆଳି (ପୁରୁଷ) | ୨ | ୭ ,୫୦୦ ଟଙ୍କା |

ଆବେଦନ ପତ୍ରର ନମୁନା ସହ ଆବଶ୍ୟକୀୟ ଯୋଗ୍ୟତା ତଥା ନିଯୁକ୍ତି ସମ୍ବନ୍ଧୀୟ ସବିଶେଷ ତଥ୍ୟ ଜିଲ୍ଲା ୱେବସାଇଟ www.khordha.nic.in ଓ OSEPA ୱେବସାଇଟ www.osepa.odisha.gov.in ରେ ଉପଲବ୍ଧ । ଯୋଗ୍ୟ ତଥା ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କର ସମସ୍ତ ଶିକ୍ଷାଗତ/ତାଲିମ ଯୋଗ୍ୟତାର ସାର୍ଟିଫିକେଟ ଓ ମାର୍କସିଟ, ଅଭିଜ୍ଞତା, ଜନ୍ମ ତାରିଖ ଓ ଆବାସିକ ପ୍ରମାଣପତ୍ର ଆଦିର ସ୍ୱସ୍ୱାକ୍ଷରିତ ଅବିକଳ ନକଲ ସହିତ ଦୁଇଟି ପାସ ପୋର୍ଟ ସାଇଜ କଲର ଫଟୋଗ୍ରାଫ ସଂଲଗ୍ନ ନିର୍ଦ୍ଧାରିତ ଫର୍ମରେ ଆବେଦନ ପତ୍ର **ତା.୧୧.୦୩.୨୦୨୪ ରିଖ ଦିବା ୧.୦୦ଘଟିକା** ସୁଦ୍ଧା ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସର୍ବ ଶିକ୍ଷା ଅଭିଯାନ, ଖୋର୍ଦ୍ଧା, ସା/ପୋଷ୍ଟ/ଜିଲ୍ଲା – ଖୋର୍ଦ୍ଧା, ପିନ କୋଡ଼-୭୫୨୦୫୫ ଠିକଣାରେ କେବଳ ରେଜିଷ୍ଟ୍ରୀ ଡାକ / ସ୍ପୀଡ ପୋଷ୍ଟ ଜରିଆରେ ପହଞ୍ଚିବା ଆବଶ୍ୟକ । ପ୍ରାର୍ଥୀ/ପ୍ରାର୍ଥିନୀ ଏନଭଲପ ଉପରେ ସ୍ପଷ୍ଟ ଭାବରେ **"ନେତାଜୀ ସୁବାସ ଚନ୍ଦ୍ର ବୋଷ ଆବାସୀୟ ବିଦ୍ୟାଳୟରେ ଚୁକ୍ତିଭିତ୍ତିକ ନିଯୁକ୍ତି (ଆବେଦନ କରୁଥିବା ପଦବୀର ନାମ)"** ଉଲ୍ଲେଖ କରିବା ଜରୁରୀ । ଉଲ୍ଲିଖିତ ଆବଶ୍ୟକୀୟ ପ୍ରମାଣପତ୍ର ସଂଲଗ୍ନ ହୋଇନଥିବା ଅସମ୍ପୂର୍ଣ୍ଣ ଆବେଦନ ପତ୍ର କିମ୍ବା ରେଜିଷ୍ଟ୍ରୀ ଡାକ / ସ୍ପୀଡ ପୋଷ୍ଟ ବ୍ୟତୀତ ଅନ୍ୟାନ୍ୟ ଜରିଆରେ ଅବା ଅନ୍ତିମ ତାରିଖ/ସମୟ ପରେ ପହଞ୍ଚିଥିବା ଆବେଦନ ପତ୍ର ସଂପୂର୍ଣ୍ଣ ଭାବେ ଖାରଜ କରିଦିଆଯିବ । ଡାକ ଯୋଗେ ପହଞ୍ଚିବାରେ ବିଳମ୍ବ ପାଇଁ କର୍ତ୍ତୃପକ୍ଷ କୌଣସି ପ୍ରକାରେ ଦାୟୀ ନୁହନ୍ତି । ଏ ସମ୍ବନ୍ଧୀୟ କୌଣସି ଅଭିଯୋଗ ବା ଦାବି ଆଦୌ ଗ୍ରହଣୀୟ ହେବ ନାହିଁ । ବିନା କୌଣସି କାରଣ ଦର୍ଶାଇ ନିଯୁକ୍ତି ପ୍ରକ୍ରିୟାକୁ ଆଂଶିକ ବା ସଂପୂର୍ଣ୍ଣ ଭାବରେ ରଦ୍ଦ କରିବା କିମ୍ବା ଚୟନ ପ୍ରକ୍ରିୟାରେ କୌଣସି ପ୍ରକାର ପରିବର୍ତ୍ତନ କରିବାର ଅଧିକାର ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ପାଖରେ ସଂରକ୍ଷିତ । ପ୍ରକୃତ ନିୟୋଜନ ସମୟରେ ଖାଲି ଥିବା ପଦବୀ ସଂଖ୍ୟା କମ ବା ବେଶୀ ହୋଇପାରେ ।

ଜିଲ୍ଲାପାଳ ତଥା ଅଧକ୍ଷଙ୍କ ଆଦେଶକ୍ରମେ

ସ୍ୱା/

ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ,
ସମଗ୍ର ଶିକ୍ଷା, ଖୋର୍ଦ୍ଧା

## ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ କାର୍ଯ୍ୟକ୍ଷମ ନେତାଜୀ ସୁବାସ ଚନ୍ଦ୍ର ବୋଷ ଆବାସୀୟ ବିଦ୍ୟାଳୟରେ ଚୁକ୍ତିଭିତ୍ତିକ ନିଯୁକ୍ତି ସମ୍ବନ୍ଧୀୟ ସବିଶେଷ ତଥ୍ୟ

ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ଖୋର୍ଦ୍ଧା ଅଧୀନରେ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ପରିଚାଳିତ ନେତାଜୀ ସୁବାସ ଚନ୍ଦ୍ର ବୋଷ ଆବାସୀୟ ବିଦ୍ୟାଳୟମାନଙ୍କରେ ନିମ୍ନଲିଖିତ ପଦବୀରେ ଚୁକ୍ତିଭିତ୍ତିକ ନିୟୋଜନ ନିମନ୍ତେ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ଠାରୁ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ସମସ୍ତ ପଦବୀ ସଂପୂର୍ଣ୍ଣ ଭାବରେ ଅସ୍ଥାୟୀ, ଅର୍ଦ୍ଧ ବାର୍ଷିକ ଚୁକ୍ତି ଭିତ୍ତିକ ଏବଂ ଚୁକ୍ତି ଅବଧି ଅନ୍ତେ ସନ୍ତୋଷଜନକ କାର୍ଯ୍ୟସମ୍ପାଦନା ଭିତ୍ତିରେ ପୁନଃ ନବୀକରଣ ଯୋଗ୍ୟ ଅଟେ । ଏ ସମସ୍ତ ପଦବୀ ପାଇଁ ସବୁ ଜିଲ୍ଲାର ପ୍ରାର୍ଥୀ/ପ୍ରାର୍ଥିନୀ ଆବେଦନ କରିପାରିବେ ।

| କ୍ରମିକ ସଂଖ୍ୟା | ପଦବୀ | ଖାଲି ଥିବା ପଦବୀ ସଂଖ୍ୟା | ତା୦୧.୦୧.୨୪ ରିଖ ସୁଦ୍ଧା ବୟସ | ଶିକ୍ଷାଗତ ଯୋଗ୍ୟତା | ଅଗ୍ରାଧିକାର ଭିତ୍ତି | ମାସିକ ପାରିଶ୍ରମିକ |
|---|---|---|---|---|---|---|
| ୧ | ପାର୍ଟ ଟାଇମ ଟିଚର – ବିଜ୍ଞାନ (ପୁରୁଷ / ମହିଳା) | ୩ | ୧୮ ରୁ ୩୫ ବର୍ଷ ମଧ୍ୟରେ | ନିମ୍ନ ଲିଖିତ ଶିକ୍ଷାଗତ ଯୋଗ୍ୟତା ଅନୁସାରେ ପ୍ରାଧାନ୍ୟତା ଦିଆଯିବ (୧) ବି.ଏସ.ସି. – ବି.ଇଡି., (୨) ବି. ଏସ.ସି., (୩) ଆଇ. ଏସ.ସି. – ସି.ଟି., (୪) ଆଇ. ଏସ.ସି. | ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଥିବା ପ୍ରାର୍ଥୀ/ପ୍ରାର୍ଥିନୀଙ୍କୁ ଆଞ୍ଚଳିକତା ଭିତ୍ତିରେ ନିମ୍ନମତେ ଅଗ୍ରାଧିକାର ଦିଆଯିବ । ୧) ବି.ଏମ.ସି.ଅଞ୍ଚଳ ୨) ଭୁବନେଶ୍ୱର ବ୍ଲକ ୩) ଖୋର୍ଦ୍ଧା ଜିଲ୍ଲା ୪) ଅନ୍ୟ ଜିଲ୍ଲା | ୭,୫୦୦ ଟଙ୍କା (ତାଲିମ ପ୍ରାପ୍ତ) ୬,୫୦୦ ଟଙ୍କା (ଅଣତାଲିମ ପ୍ରାପ୍ତ) |
| ୨ | ପାର୍ଟ ଟାଇମ ଟିଚର - କଳା (ପୁରୁଷ / ମହିଳା) | ୨ | ୧୮ ରୁ ୩୫ ବର୍ଷ ମଧ୍ୟରେ | ନିମ୍ନ ଲିଖିତ ଶିକ୍ଷାଗତ ଯୋଗ୍ୟତା ଅନୁସାରେ ପ୍ରାଧାନ୍ୟତା ଦିଆଯିବ (୧) ବି.ଏ. – ବି.ଇଡି., (୨) ବି.ଏ., (୩) ଆଇ.ଏ. – ସି.ଟି., (୪) ଆଇ.ଏ. | | |
| ୩ | ଫୁଲ ଟାଇମ ଆକାଉଣ୍ଟାଣ୍ଟ | ୨ | ୧୮ ରୁ ୩୫ ବର୍ଷ ମଧ୍ୟରେ | B.Com ସହ କମ୍ପ୍ୟୁଟର ଜ୍ଞାନ ଓ ଅଭିଜ୍ଞତା | ଆକାଉଣ୍ଟାଣ୍ଟ ଭାବରେ ପୂର୍ବ ଅଭିଜ୍ଞତା ଥିଲେ ଅଗ୍ରାଧିକାର ଦିଆଯିବ । | ୧୩,୭୫୦ ଟଙ୍କା |
| ୪ | ମୁଖ୍ୟ ରୋଷେୟା (ଉଭୟ ପୁରୁଷ ଓ ମହିଳା) | ୧ | ୧୮ ରୁ ୩୫ ବର୍ଷ ମଧ୍ୟରେ | କୌଣସି ସର୍ବ ନିମ୍ନ ଶିକ୍ଷାଗତ ଯୋଗ୍ୟତା ଧାର୍ଯ୍ୟ କରାଯାଇ ନାହିଁ । କେବଳ ଓଡ଼ିଆ ଓ ଇଂରାଜୀ ଭାଷା ପଢି ଓ ଲେଖି ପାରୁଥିବା ଆବଶ୍ୟକ । | ରୋଷେୟା କାମରେ ପୂର୍ବ ଅଭିଜ୍ଞତା ଥିଲେ ଅଗ୍ରାଧିକାର ଦିଆଯିବ । | ୯,୦୦୦ ଟଙ୍କା |
| ୫ | ସହକାରୀ ରୋଷେୟା (ଉଭୟ ପୁରୁଷ ଓ ମହିଳା) | ୩ | ୩୫ ରୁ ୫୦ବର୍ଷ ମଧ୍ୟରେ | | | ୬,୫୦୦ ଟଙ୍କା |
| ୬ | ପିଅନ ତଥା ଝାଡୁଦାର | ପୁରୁଷ -୩ ମହିଳା-୧ | ୧୮ ରୁ ୩୫ ବର୍ଷ ମଧ୍ୟରେ | ଏଚ.ଏସ.ସି./ମାଟ୍ରିକୁଲେସନ | ପୂର୍ବ ଅଭିଜ୍ଞତା ଥିଲେ ଅଗ୍ରାଧିକାର ଦିଆଯିବ । | ୭,୫୦୦ ଟଙ୍କା |
| ୭ | ରାତ୍ରି ଜଗୁଆଳି (ପୁରୁଷ) | ୨ | | | | ୭,୫୦୦ ଟଙ୍କା |
| କ୍ରମିକ ସଂଖ୍ୟା ୧ ଠାରୁ ୪ ପର୍ଯ୍ୟନ୍ତ ପଦବୀ ନିମନ୍ତେ ସମସ୍ତ ପ୍ରାର୍ଥୀ/ପ୍ରାର୍ଥିନୀ ଓଡିଆ ଭାଷାକୁ ଏକ ବିଷୟ ରୂପେ ନେଇ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ । ଜାତି ଭିତ୍ତିକ ବା ଅନ୍ୟ କୌଣସି ପ୍ରକାର ସଂରକ୍ଷଣ କିମ୍ବା ବୟସ ସୀମା କୋହଳ କରାଯିବାର ବ୍ୟବସ୍ଥା ନାହିଁ । | | | | | | |

ଉପରେ ବର୍ଣ୍ଣିତ ଯୋଗ୍ୟତା ମାନଦଣ୍ଡ ଅନୁସାରେ ଯୋଗ୍ୟ ତଥା ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କର ସମସ୍ତ ଶିକ୍ଷାଗତ/ତାଲିମ ଯୋଗ୍ୟତାର ସାର୍ଟିଫିକେଟ ଓ ମାର୍କସିଟ, ଅଭିଜ୍ଞତା, ଜନ୍ମ ତାରିଖ ଓ ଆବାସିକ ପ୍ରମାଣପତ୍ର ଆଦିର ସ୍ୱସାକ୍ଷରିତ ଅବିକଳ ନକଲ ସହିତ ଦୁଇଟି ପାସ ପୋର୍ଟ ସାଇଜ କଲର ଫଟୋଗ୍ରାଫ ସଂଲଗ୍ନ ନିର୍ଦ୍ଧାରିତ ଫର୍ମରେ ଆବେଦନ ପତ୍ର ତା. ୧୧ .୦୩ .୨୦୨୪ ରିଖ ଦିବା ୧.୦୦ଘଟିକା ସୁଦ୍ଧା ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ,

ସର୍ବ ଶିକ୍ଷା ଅଭିଯାନ, ଖୋର୍ଦ୍ଧା, ସା/ପୋଷ୍ଟ/ଜିଲ୍ଲା – ଖୋର୍ଦ୍ଧା, ପିନ କୋଡ୍-୭୫୨୦୫୫ ଠିକଣାରେ କେବଳ ରେଜିଷ୍ଟ୍ରୀ ଡାକ / ସ୍ପୀଡ ପୋଷ୍ଟ ଜରିଆରେ ପହଞ୍ଚିବା ଆବଶ୍ୟକ । ପ୍ରାର୍ଥୀ/ପ୍ରାର୍ଥିନୀ ଏନଭଲପ ଉପରେ ସ୍ପଷ୍ଟ ଭାବରେ **"ନେତାଜୀ ସୁବାସ ଚନ୍ଦ୍ର ବୋଷ ଆବାସୀୟ ବିଦ୍ୟାଳୟରେ ଚୁକ୍ତିଭିତ୍ତିକ ନିଯୁକ୍ତି (ଆବେଦନ କରୁଥିବା ପଦବୀର ନାମ)"** ଉଲ୍ଲେଖ କରିବା ଜରୁରୀ । ଉଲ୍ଲିଖିତ ଆବଶ୍ୟକୀୟ ପ୍ରମାଣପତ୍ର ସଂଲଗ୍ନ ହୋଇନଥିବା ଅସମ୍ପୂର୍ଣ୍ଣ ଆବେଦନ ପତ୍ର କିମ୍ବା ରେଜିଷ୍ଟ୍ରୀ ଡାକ / ସ୍ପୀଡ ପୋଷ୍ଟ ବ୍ୟତୀତ ଅନ୍ୟାନ୍ୟ ଜରିଆରେ ଅବା ଅନ୍ତିମ ତାରିଖ/ସମୟ ପରେ ପହଞ୍ଚିଥିବା ଆବେଦନ ପତ୍ର ସଂପୂର୍ଣ୍ଣ ଭାବେ ଖାରଜ କରିଦିଆଯିବ । ଡାକ ଯୋଗେ ପହଞ୍ଚିବାରେ ବିଳମ୍ବ ପାଇଁ କର୍ତ୍ତୃପକ୍ଷ କୌଣସି ପ୍ରକାରେ ଦାୟୀ ନୁହନ୍ତି । ଏ ସମ୍ବନ୍ଧୀୟ କୌଣସି ଅଭିଯୋଗ ବା ଦାବି ଆଦୌ ଗ୍ରହଣୀୟ ହେବ ନାହିଁ । ବିନା କୌଣସି କାରଣ ଦର୍ଶାଇ ନିଯୁକ୍ତି ପ୍ରକ୍ରିୟାକୁ ଆଂଶିକ ବା ସଂପୂର୍ଣ୍ଣ ଭାବରେ ରଦ୍ଦ କରିବା କିମ୍ବା ଚୟନ ପ୍ରକ୍ରିୟାରେ କୌଣସି ପ୍ରକାର ପରିବର୍ତ୍ତନ କରିବାର ଅଧିକାର ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ପାଖରେ ସଂରକ୍ଷିତ । ପ୍ରକୃତ ନିଯୋଜନ ସମୟରେ ଖାଲି ଥିବା ପଦବୀ ସଂଖ୍ୟା କମ ବା ବେଶୀ ହୋଇପାରେ ।

**ଚୟନ ପ୍ରକ୍ରିୟା**

| କ୍ରମିକ ସଂଖ୍ୟା | ପଦବୀ | ଚୟନ ପ୍ରକ୍ରିୟା |
|---|---|---|
| ୧ ଓ ୨ | ପାର୍ଟ ଟାଇମ ଟିଚର (ବିଜ୍ଞାନ ଓ କଳା) | ଫୁଲ କ୍ୟାରିୟର ମାର୍କିଙ୍ଗ ଏବଂ ଅଗ୍ରାଧିକାର ଭିତ୍ତିରେ |
| ୩ | ଫୁଲ ଟାଇମ ଆକାଉଣ୍ଟାଣ୍ଟ | ଫୁଲ କ୍ୟାରିୟର ମାର୍କିଙ୍ଗ, ଲିଖିତ ଓ କମ୍ପ୍ୟୁଟର ପରୀକ୍ଷା |
| ୪ ଓ ୫ | ମୁଖ୍ୟ ରୋଷେୟା ଓ ସହକାରୀ ରୋଷେୟା | ସାକ୍ଷାତକାର ମୌଖିକ ପରୀକ୍ଷା ଓ ପ୍ରାକ୍ଟିକାଲ ରୋଷେଇ ପରୀକ୍ଷା |
| ୬ ଓ ୭ | ପିଅନ ତଥା ଝାଡୁଦାର ଓ ରାତ୍ରି ଜଗୁଆଳି | H.S.C ମାର୍କ ଓ ଜିଲ୍ଲା ସ୍ତରୀୟ ଚୟନ କମିଟି ଦ୍ୱାରା ଇଣ୍ଟରଭ୍ୟୁ |

ଜିଲ୍ଲାପାଳ ତଥା ଅଧକ୍ଷଙ୍କ ଆଦେଶକ୍ରମେ

ସ୍ୱା/

ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ,
ସମଗ୍ର ଶିକ୍ଷା, ଖୋର୍ଦ୍ଧା